# NATIONAL NEWS BULLETIN (ODIA)
## 11th April - 2025
## Evening Bulletin : 7.15 p.m.

************************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ଗରିବ ଓ ଅବହେଳିତଙ୍କ ଉନ୍ନତି ପାଇଁ 'ସବ୍ କା ସାଥ୍, ସବ୍ କା ବିକାଶ' ମନ୍ତ୍ର ସରକାରଙ୍କ ମାର୍ଗଦର୍ଶୀ ନୀତି ହୋଇଛି; କହିଲେ ପ୍ରଧାନମନ୍ତ୍ରୀ ।
- ୨୦୨୬ ତାମିଲ୍‌ନାଡୁ ବିଧାନସଭା ନିର୍ବାଚନରେ ବି.ଜେ.ପି.' ଏ.ଆଇ.ଏ.ଡି.ଏମ୍.କେ. ସହ ମିଶି ନିର୍ବାଚନ ଲଢ଼ିବ; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଓଡ଼ିଶାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ କଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ।
- ସରକାର ଗତିଶକ୍ତି ଯୋଜନା ମାଧ୍ୟମରେ ବ୍ୟବସାୟ ସହଜତାକୁ ବୃଦ୍ଧି କରିଛନ୍ତି; କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟରେ ଆଉ କିଛି ସମୟ ପରେ ଚେନ୍ନାଇ ସୁପରକିଙ୍ଗ୍‌ସ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ହେବ ମୁକାବିଲା ।

## ପି.ଏମ୍. - ଏମ୍.ପି. ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଗରିବ ଓ ଅବହେଳିତଙ୍କ ଉନ୍ନତି ପାଇଁ 'ସବ୍ କା ସାଥ୍, ସବ୍ କା ବିକାଶ' ମନ୍ତ୍ର ଏବଂ ସେବା ଭାବନା ଆଜି ସରକାରଙ୍କ ମାର୍ଗଦର୍ଶୀ ନୀତି ହୋଇଛି । ମଧ୍ୟପ୍ରଦେଶର ଅଶୋକନଗର ଜିଲ୍ଲାର ଆନନ୍ଦପୁର ଧାମରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବାପାଇଁ "ଏକ୍ ପେଡ୍ ମା'କେ ନାମ୍" ଅଭିଯାନ ବିଷୟରେ ଶ୍ରୀ ମୋଦି ଆଲୋକପାତ କରିଛନ୍ତି । ବିଶ୍ୱରେ ଭୌତିକ ପ୍ରଗତି ମଧ୍ୟରେ ଯୁଦ୍ଧ, ସଂଘର୍ଷ ଏବଂ ମାନବୀୟ ମୂଲ୍ୟବୋଧ ସହ ଜଡ଼ିତ ବିଭିନ୍ନ ଆହ୍ୱାନର ଆମେ ସମ୍ମୁଖୀନ ହେଉଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ସାରା ବିଶ୍ୱ ଚିନ୍ତିତ ଥିବାବେଳେ ଏହାର ସମାଧାନ ଅଦ୍ୱୈତବାଦର ଦର୍ଶନରେ ରହିଛି । ପୂର୍ବରୁ ପ୍ରଧାନମନ୍ତ୍ରୀ ପରମହଂସ ଅଦ୍ୱୈତ ସମ୍ପ୍ରଦାୟର ମନ୍ଦିର ପରିଦର୍ଶନ କରିବା ସହ ପ୍ରମୁଖ ଆଧ୍ୟାତ୍ମିକ ନେତାଙ୍କୁ ଭେଟିଥିଲେ । ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡକ୍ଟର

ମୋହନ ଯାଦବ, କେନ୍ଦ୍ରମନ୍ତ୍ରୀ ଜେତିରାଦିତ୍ୟ ସିନ୍ଧିଆ ଏବଂ ରାଜ୍ୟ ବି.ଜେ.ପି. ସଭାପତି ଭି.ଡି. ଶର୍ମାଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ପ୍ରଧାନମନ୍ତ୍ରୀ ଆଜି ଆନନ୍ଦପୁରରେ ଥିବା ଗୁରୁଜୀ ମହାରାଜ ମନ୍ଦିର ପରିଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି । ଆନନ୍ଦପୁର ଧାମ ଆଧ୍ୟାତ୍ମିକ ଏବଂ ସମାଜକଲ୍ୟାଣ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ହୋଇଛି । ୩୧୫ ହେକ୍ଟର ପରିମିତ ଅଞ୍ଚଳରେ ପ୍ରତିଷ୍ଠିତ ଏହି ଧାମରେ ଏକ ଆଧୁନିକ ଗୋଶାଳା ରହିଛି । ଏହି ଗୋଶାଳାରେ ୫ ଶହରୁ ଊର୍ଦ୍ଧ୍ୱ ଗାଈ ରଖାଯାଇଛି । ଟ୍ରଷ୍ଟ ପକ୍ଷରୁ ଧାମ ପରିସରରେ କୃଷିକାର୍ଯ୍ୟ ସମ୍ପାଦନ ମଧ୍ୟ କରାଯାଉଛି । ଏହାଛଡ଼ା ନିକଟସ୍ଥ ସୁଖପୁର ଗ୍ରାମରେ ଏକ ଦାତବ୍ୟ ଡାକ୍ତରଖାନା, ସୁଖପୁର ଓ ଆନନ୍ଦପୁରରେ ବିଦ୍ୟାଳୟ ଏବଂ ଦେଶର ବିଭିନ୍ନ ବିଭିନ୍ନ ସ୍ଥାନରେ ସତ୍‌ସଙ୍ଗ କେନ୍ଦ୍ରମାନ ପ୍ରତିଷ୍ଠିତ ହୋଇଛି । ଗୁରୁଜୀ ମହାରାଜ ମନ୍ଦିର ପରିଦର୍ଶନ ପରେ ପ୍ରଧାନମନ୍ତ୍ରୀ କହିଛନ୍ତି :

***Voice :..........***

ପୂର୍ବରୁ ପ୍ରଧାନମନ୍ତ୍ରୀ ଆଜି ବାରାଣାସୀର ମେହେଦୀଗଞ୍ଜଠାରେ ୩ହଜାର ୮୮୪କୋଟିରୁ ଅଧିକ ଟଙ୍କାର ୪୪ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ ।

## ଅମିତ୍ ଶାହା - ଭିଜିଟ୍

ବରିଷ୍ଠ ବି.ଜେ.ପି. ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, ଆଗାମୀ ୨୦୨୬ ତାମିଲ୍‌ନାଡୁ ବିଧାନସଭା ନିର୍ବାଚନରେ ବି.ଜେ.ପି.' ଏ.ଆଇ.ଏ.ଡି.ଏମ୍.କେ. ନେତୃତ୍ୱାଧୀନ ଏକ ମେଣ୍ଟରେ ସାମିଲ୍ ହୋଇ ନିର୍ବାଚନ ଲଢ଼ିବ । ଆଜି ଚେନ୍ନାଇରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ନରେନ୍ଦ୍ର ମୋଦି ସରକାର ତାମିଲ୍ ଯୁବକମାନଙ୍କୁ ତାମିଲ୍ ଭାଷାରେ କେନ୍ଦ୍ରୀୟ ଲୋକସେବା ଆୟୋଗ ପରୀକ୍ଷା ଦେବାକୁ ଅନୁମତି ପ୍ରଦାନ କରିଛନ୍ତି । ବର୍ତ୍ତମାନର ଡି.ଏମ୍.କେ. ସରକାର ତାମିଲ୍ ଭାଷାରେ ଡାକ୍ତରୀ ଏବଂ ଇଞ୍ଜିନିୟରିଂ ପାଠ୍ୟକ୍ରମକୁ ଅନୁମତି ଦେଉ ନ ଥିବା ଶ୍ରୀ ଶାହା ଅଭିଯୋଗ କରିଛନ୍ତି । ଏତଦ୍‌ବ୍ୟତୀତ ସେ ଡି.ଏମ୍.କେ. ଏବଂ କଂଗ୍ରେସ ଦଳକୁ ସମାଲୋଚନା କରି କହିଛନ୍ତି, ସେହି ଦଳଗୁଡ଼ିକ ଲୋକଙ୍କ ଆବଶ୍ୟକତା ସମ୍ପର୍କରେ ସଚେତନ ନ ହୋଇ ନିଜସ୍ୱ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି ।

## ଇଟାଲୀ-ଇଣ୍ଡିଆ ବିଜିନେସ୍ ଫୋରମ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ସରକାର ଗତି-ଶକ୍ତି ଯୋଜନା ମାଧ୍ୟମରେ ବ୍ୟବସାୟ କରିବା ସହଜତାକୁ ବୃଦ୍ଧି

କରିଛନ୍ତି । ଜୀବନଧାରଣର ମାନରେ ଉନ୍ନତି ଆସିଛି ଏବଂ ଆଧୁନିକ ଭିତ୍ତିଭୂମି ନିର୍ମାଣ କରିପାରିଛନ୍ତି ଓ ଏକ ଦୃଢ଼ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ଗଠନ ହୋଇପାରିଛି । ନୂଆଦିଲ୍ଲୀରେ ଆୟୋଜିତ 'ଇଟାଲୀ-ଭାରତ ବ୍ୟବସାୟ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସମ୍ମିଳନୀ' ଅବସରରେ ଶ୍ରୀ ଜୟଶଙ୍କର କହିଛନ୍ତି, ଏହି ପ୍ରୟାସଗୁଡ଼ିକ ଦେଶକୁ ସୁଶାସନ ଦିଗରେ ଅଗ୍ରସର କରାଇବା ସହ ଭାରତକୁ ବିଶ୍ୱପାଇଁ ଏକ ପ୍ରମୁଖ ବ୍ୟାବସାୟିକ ଅଂଶୀଦାର କରିଛି । ୟୁରୋପୀୟ ସଂଘ କମିଶନ ର ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କମିଶନ୍ ଅଧ୍ୟକ୍ଷ ଉର୍ସୁଲା ଭନ୍ ଦେର୍ ଲେୟନ୍ ୨୦୨୫ ଶେଷ ସୁଦ୍ଧା ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନେଇ ଆଲୋଚନା ଶେଷ କରିବାପାଇଁ ଉଭୟ ପକ୍ଷଙ୍କୁ ଦାୟିତ୍ୱ ଦେଇଥିଲେ ବୋଲି ଶ୍ରୀ ଜୟଶଙ୍କର ଆଲୋକପାତ କରିଥିଲେ ।

ଏହି ଅବସରରେ ବାଣିଜ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ୍ କହିଛନ୍ତି, ୟୁରୋପୀୟପ ସଂଘ ସହ ମୁକ୍ତ ବାଣିଜ୍ୟ ରାଜିନାମା ତ୍ୱରାନ୍ୱିତ କରିବା ଦିଗରେ ସରକାର କାର୍ଯ୍ୟ କରୁଛନ୍ତି । ସେ କହିଛନ୍ତି, ଭାରତ ୟୁରୋପୀୟ ସଂଘ ସଦସ୍ୟମାନଙ୍କପାଇଁ ଏକ ପ୍ରମୁଖ ବଜାର ଭାବେ ଉଭା ହୋଇଛି । ଶ୍ରୀ ଗୋୟଲ କହିଛନ୍ତି, ଭାରତ ଅନ୍ତର୍ଜାତୀୟ ସ୍ତରରେ ଉତ୍ପାଦନ ପ୍ରସାରକୁ ସୁଯୋଗ ପ୍ରଦାନ କରୁଛି । ଶ୍ରୀ ଗୋୟଲ ପୁଣି କହିଛନ୍ତି, ଭାରତ-ଇଟାଲୀ ମିଳିତ ରଣନୈତିକ କାର୍ଯ୍ୟ ଯୋଜନା ୨୦୨୫-୨୯ ଉଭୟ ଦେଶପାଇଁ ସହଭାଗୀ ସମୃଦ୍ଧିର ଏକ ପଥ ।

ଇଟାଲୀ ଉପପ୍ରଧାନମନ୍ତ୍ରୀ ଆଣ୍ଟୋନିଓ ତାଜାନି ତାଙ୍କ ଅଭିଭାଷଣରେ କହିଛନ୍ତି, ଭାରତ ପ୍ରଚୁର ସମ୍ଭାବନାନିହିତ ଏକ ବିକାଶଶୀଳ ଅର୍ଥନୀତି । ସେ କହିଛନ୍ତି, ଉଭୟ ଦେଶର ସହଭାଗିତାକୁ ସଶକ୍ତ କରିବା ତାଙ୍କ ଦେଶର ଲକ୍ଷ୍ୟ ରହିଛି । ସେ କହିଛନ୍ତି, ଇଟାଲୀ ଭାରତରେ ଅଧିକରୁ ଅଧିକ ନିବେଶ କରିବାକୁ ଚାହିଁବା ସହ ଭାରତୀୟ ପୁଞ୍ଜିନିବେଶକମାନଙ୍କୁ ଇଟାଲୀ ପ୍ରତି ଆକୃଷ୍ଟ କରାଇବା ଉପରେ ଗୁରୁତ୍ୱାରୋପ କରୁଛି । ଇଟାଲୀ ଏବଂ ଭାରତ ଉଭୟ ପ୍ରାକୃତିକ, ଅର୍ଥନୈତିକ ଭାଗିଦାର ବୋଲି ଶ୍ରୀ ତାଜାନି କହିଛନ୍ତି । ଇଟାଲୀ-ଭାରତ ବ୍ୟବସାୟ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଫୋରମ୍‌ର ଲକ୍ଷ୍ୟ ହେଉଛି, ଉଭୟ ଦେଶର ବ୍ୟବସାୟ ସମ୍ପ୍ରଦାୟ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବ ।

## ମୁମ୍ବାଇ - ୱେଭ୍‌ସ-୨୦୨୫

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ମହାରାଷ୍ଟ୍ର ଓ ମୁମ୍ବାଇ ସୃଜନଶୀଳ କ୍ଷେତ୍ରରୁ ଉଦୀୟମାନ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ଦ୍ରୁତଗତିରେ ପରିବର୍ତ୍ତିତ ହେଉଥିବା ପ୍ରଯୁକ୍ତିବିଦ୍ୟା ଯୁଗରେ ଏହି ସ୍ଥାନ ବଜାୟ ରଖିବା ଲକ୍ଷ୍ୟରେ ମୁମ୍ବାଇରେ ୱେଭ୍‌ସ-୨୦୨୫ ଆୟୋଜନ କରାଯାଉଛି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶଙ୍କ ସହ ୱେଭ୍‌ସର ପ୍ରସ୍ତୁତି ସମୀକ୍ଷା ପରେ ସାମ୍ବାଦିକମାନଙ୍କ ସହ

କଥାବାର୍ତ୍ତାବେଳେ ଶ୍ରୀ ବୈଷ୍ଣବ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ ସୂଚନା ଦେଇ କହିଛନ୍ତି, ଅନ୍ତର୍ଜାତୀୟ ସ୍ତରରେ ଏହି କ୍ଷେତ୍ରରେ ୱେଭ୍‌ସ ହେଉଛି ଏକ ବୃହତ୍ ସମ୍ମିଳନୀ । ୧୦୦ରୁ ଊର୍ଦ୍ଧ୍ୱ ଦେଶର ପ୍ରତିନିଧିମାନେ ଏହି ସମ୍ମିଳନୀରେ ଯୋଗଦେବେ । ସେ କହିଛନ୍ତି, ସୃଜନଶୀଳ ଅର୍ଥନୀତି କ୍ଷେତ୍ରରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିବ । ମୁମ୍ବାଇରେ Indian Institute of Creative Technology ସ୍ଥାପନକୁ ମଞ୍ଜୁରି ପ୍ରଦାନ କରିଥିବାରୁ ଶ୍ରୀ ଫଡ଼ନବୀଶ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଥିଲେ । ମୁମ୍ବାଇରେ ଏହା ଏକମାତ୍ର ପ୍ରତିଷ୍ଠାନ । ଶ୍ରୀ ଫଡ଼ନବୀଶ କହିଛନ୍ତି, ତାଙ୍କ ମନ୍ତ୍ରଣାଳୟ ମଲାଦଠାରେ ମଧ୍ୟ ସୃଜନଶୀଳ ପ୍ରଯୁକ୍ତିବିଦ୍ୟାର ବିକାଶ କ୍ଷେତ୍ରରେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଯୋଜନା କରୁଛି । ଏତଦ୍‌ବ୍ୟତୀତ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ରାଜ୍ୟରେ ଜାରି ରହିଥିବା ବିଭିନ୍ନ ରେଳ ପ୍ରକଳ୍ପ ତଥା ମୁମ୍ବାଇରେ ଅନେକ ନୂଆ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କରିଥିଲେ ।

## ଆୟୁଷ୍ମାନ ଭାରତ - ଜେ.ପି. ନଡ୍ଡା

'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା' ଇନ୍‌ସୁରାନ୍‌ସ୍ ଯୋଜନା ନୁହେଁ ଏହା ଆସ୍ୟୁରାନ୍‌ସ୍ ଯୋଜନା ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା କହିଛନ୍ତି । କଟକସ୍ଥିତ ବାଲିଯାତ୍ରା ପଡିଆରେ

ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆସ୍ୟୁରାନ୍ସ୍ ଯୋଜନାର ଅର୍ଥ ଚିକିତ୍ସା  ପାଇଁ କୌଣସି କମ୍ପାନୀ ନିଷ୍ପତ୍ତି ନେଇପାରିବେ ନାହିଁ। ଏଥିପାଇଁ ଦେଶର ୩୦ହଜାରରୁ ଅଧିକ ହସ୍‌ପିଟାଲ ନିଷ୍ପତ୍ତି ନେବେ। ଏହା ସହିତ ରାଜ୍ୟ ସରକାରଙ୍କର ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ମଧ୍ୟ ଲୋକାର୍ପଣ କରାଯାଇଛି। ଏହି ଅବସରରେ ଗାଁକୁ ଗାଁ ଯାଇ ଲୋକଙ୍କ ସ୍ୱାସ୍ଥ୍ୟକାର୍ଡ କରିବା ପାଇଁ ସହଯୋଗ କରିବାକୁ ସାଂସଦ ଓ ବିଧାୟକମାନଙ୍କୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

***Voice :........***

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,  କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡାଙ୍କ ସମେତ ମନ୍ତ୍ରିମଣ୍ଡଳର ସଦସ୍ୟ, ଦଳୀୟ ସାଂସଦ ଏବଂ ବିଧାୟକମାନେ ଯୋଗଦେଇଥିଲେ।

ସୂଚନା ଅନୁଯାୟୀ, ରାଜ୍ୟର ୧ କୋଟି ୩ ଲକ୍ଷ ପରିବାରର ୩ କୋଟି ୫୦ ଲକ୍ଷ ସଦସ୍ୟ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାରେ ଉପକୃତ ହେବାକୁ ଥିବାବେଳେ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ ବୟସରୁ ଅଧିକ ୨୩ ଲକ୍ଷ ୧୩ ହଜାରରୁ ଅଧିକ ହିତାଧିକାରୀ ଉପକୃତ ହେବେ । ଦେଶର ୨୯ ହଜାରରୁ ଅଧିକ ଡାକ୍ତରଖାନାରେ ହିତାଧିକାରୀମାନଙ୍କୁ ଏହି ଯୋଜନା ଅଧୀନରେ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ନଡ୍ଡା ଆସନ୍ତାକାଲି ଭୁବନେଶ୍ୱର ସ୍ଥିତ ଏମସ୍  ପରିଦର୍ଶନ କରି ସେଂଟ୍ରାଲ ରିସର୍ଚ୍ଚ ଲାବ୍ରୋଟୋରୀର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହାସହିତ ବହୁମୁଖୀ (ଗ୍ୟାଷ୍ଟ୍ରୋନୋମି) ବ୍ଲକର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଏମସ୍ ଭୁବନେଶ୍ୱର ନୂତନ ୱେବସାଇଟ୍ ମଧ୍ୟ ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି।

## ଶାହା - ଜେ.କେ. ହୁରିୟାତ୍ ଅର୍ଗାନାଇଜେସନ୍

ଜମ୍ମୁ-କାଶ୍ମୀରରେ ଆଉ ଏକ ହୁରିୟାତ୍ ଅନୁବନ୍ଧିତ ସଙ୍ଗଠନ ଜମ୍ମୁ-କାଶ୍ମୀର ମାସ୍ ମୁଭ୍‌ମେଣ୍ଟ ବିଚ୍ଛିନ୍ନତାବାଦକୁ ପ୍ରତ୍ୟାଖ୍ୟାନ କରିବା ସହ ଭାରତର ଏକତା ପ୍ରତି ତା'ର ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ଘୋଷଣା କରିଛି । ଏପର୍ଯ୍ୟନ୍ତ ପ୍ରାୟ ୧୨ଟି ହୁରିୟାତ୍ ଅନୁବନ୍ଧିତ ସଙ୍ଗଠନ ସମ୍ବିଧାନ ଉପରେ ଭରସା ରଖି ବିଚ୍ଛିନ୍ନତାବାଦରୁ ଅଲଗା ହୋଇଛନ୍ତି । ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି । ସେ କହିଛନ୍ତି, ବର୍ତ୍ତମାନର ସରକାରଙ୍କ ଅଧୀନରେ ଜମ୍ମୁ-କାଶ୍ମୀରରେ ଏକତାର ଭାବନା ଉଜ୍ଜୀବିତ ହୋଇଛି । ସେ କହିଛନ୍ତି, ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଏକ ଭାରତ, ଶ୍ରେଷ୍ଠ ଭାରତ' ଦୂରଦୃଷ୍ଟିର ବିଜୟ ।

## ପାସ୍‌ଡ୍ ଆୱେ

ବଜାଜ୍ ଅଟୋ ଲିମିଟେଡ୍ କମ୍ପାନୀର ପୂର୍ବତନ ଉପାଧ୍ୟକ୍ଷ ମଧୁର ବଜାଜ୍‌ଙ୍କର ମୁମ୍ବାଇରେ ଏକ ଘରୋଇ ହସ୍ପିଟାଲ୍‌ରେ ୬୩ ବର୍ଷ ବୟସରେ ପରଲୋକ ହୋଇଛି । ସ୍ୱାସ୍ଥ୍ୟଜନିତ ସମସ୍ୟା କାରଣରୁ ସେ କିଛିଦିନ ଧରି ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ଦୁଇଦିନ ଧରି ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ଭୋର୍ ୫ଟା ସମୟରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ । କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଶ୍ରୀ ବଜାଜ୍‌ଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟରେ ଆଉ କିଛି ସମୟ ପରେ ଚେନ୍ନାଇର ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଚେନ୍ନାଇ ସୁପରକିଙ୍ଗ୍‌ସ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମୁକାବିଲା ହେବ ।  କୋଲ୍‌କାତା ନାଇଟ୍ ରାଇଡର୍ସ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଚେନ୍ନାଇ ସୁପର କିଙ୍ଗ୍‌ସ ପକ୍ଷରୁ ଆଇ.ପି.ଏଲ୍.ର ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକ ପାଇଁ ମହେନ୍ଦ୍ର ସିଂହ ଧୋନିଙ୍କୁ ଅଧିନାୟକ ଭାବେ ମନୋନୀତ କରାଯାଇଛି ।

ଅଧିନାୟକ ଦାୟିତ୍ୱ ତୁଲାଉଥିବା ଋତୁରାଜ ଗାଏକ୍ୱାଡଙ୍କ ଆଣ୍ଠୁରେ ଆଘାତ ଲାଗିଥିବାରୁ ତାଙ୍କୁ ବିଶ୍ରାମ ଦିଆଯାଇଛି । ୨୦୨୩ ଆଇ.ପି.ଏଲ୍. କ୍ରିକେଟ୍ ଫାଇନାଲ ମ୍ୟାଚ୍‌ରେ ଗୁଜୁରାଟ ଟାଇଟନ୍ସ ବିପକ୍ଷରେ ଶ୍ରୀ ଧୋନୀ ଶେଷଥର ପାଇଁ ଦଳପକ୍ଷରୁ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ ।

*****